# ଛଆଁଣ[୧]

ନୀଳ ଶୂନ୍ୟତାର ବଳୟ ଭିତରେ
ଆତତାୟୀର ଆଖି ପରି
ସେ ସନ୍ଦିଗ୍ଧ ଆଖି
ଆଙ୍କି ଚାଲିଛି
ମଲା ବସନ୍ତର ଉପତ୍ୟକାଟିଏ ॥
ମୁହଁଟି କ୍ଷୁଧାର ମୁହଁ ପରି
ବେଶ୍ ସ୍ୱଚ୍ଛ ଓ ସତର୍କ ॥
ଏବେ ଏବେ ଡେଣା ପିଟୁଥିବା
କୁନି କୁନି ଜୀବନ
ତଥାପି ବେଫିକର ହୋଇ
ମାଆର ପଣତରେ
ଖେଳି ବୁଲୁଛନ୍ତି ॥ କିଏ ଡାକୁଛି ସତେ
କିଏ ଡାକୁଛି?
ଜମାଟ ବାନ୍ଧୁଛି
ଓଁ କାରର ଧ୍ୱନି ॥
ସେଥିରେ ହଜିଯାଇଛି
ଶୀତ ॥ ବସନ୍ତ ॥ ଓ ଖରାବେଳ ॥
ବେଳ ଓ ଅବେଳ
ଯେ କୌଣସି ମୁହୂର୍ତ୍ତରେ
ପହଞ୍ଚିପାରେ
ଆତତାୟୀର ଫିଙ୍ଗା ଯାଇଥିବା
କ୍ଷୁଧିତ ସମ୍ମୋହନ
ରକ୍ତାକ୍ତ କରିବାକୁ
କଅଁଳ କୁଆଁ କୁଆଁ ଶବ୍ଦ ॥
ଆମରି ସ୍ୱର ଶୁଭିବ
ଦିନ ଓ ରାତିକୁ
ଝୁରି ହେଉଥିବା
ମାଆ କୁକୁଡାର ସ୍ୱର ପରି ॥
ଛଟ୍ ପଟେଇ ଯାଉଥିବା
ମୁହୂର୍ତ୍ତ ସବୁ
ଆମକୁ ଜାବୁଡ଼ି ଧରିବେ ॥
ଆମକୁ ଜାବୁଡ଼ି ଧରିବେନି ତ

[୧] ନବରବି –ଏପ୍ରିଲ୍–୧୯୯୮, ବିଷୁବ ସଂଖ୍ୟା ।

ଅଣ ନିଃଶ୍ୱାସୀ କରିବେ
ଅସହାୟ ନିଃଶ୍ୱାସକୁ
ସ୍ଥିର ଓ ନିଶ୍ଚଳ ହେବା ଯାଏ
ନିରୋଳା  ସୂର୍ଯ୍ୟର
ବିକଳାଙ୍ଗ ହସ ।।
ଝୁଲି ସାରିବା ଯାଏ
ଇତିହାସ ବହିରୁ ଉଡ଼ି ଆସିଥିବା
ଛଅାଣ ଥଣ୍ଟରେ
ଆମ ପରିଚୟର ଅନ୍ତିମ ଶବ!!